## ୨ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ଥାନା ପୋଲିସ ଶୁକ୍ରବାର ବେଆଇନ ପରିବହନ କରୁଥିବା ୨ କଳାପଥର ବୋଝେଇ ଟ୍ରକ୍ ଜବତ କରିବା ସହିତ ଉଭୟ ଗାଡ଼ିର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବାହ୍ନରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଆରୁହା ଛକ ନିକଟରେ ଏକ କଳାପଥର ବୋଝେଇ ଟ୍ରକ୍ ଧରିଥିଲା। ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଟ୍ରକ୍ ଜବତ କରି ଡ୍ରାଇଭର ଜେନାପୁର ଥାନା ଜାମୁଝରି ଗ୍ରାମର ବିନୋଦ ମଲିକଙ୍କୁ ଗିରଫ କରିଥିଲା। ଶ୍ରୀରାମପୁର ଟୋଲଗେଟ ନିକଟରେ କଳାପଥର ବୋଝେଇ ଅନ୍ୟ ଏକ ଟ୍ରକକୁ ପୋଲିସ ଜବତ କରି ଡ୍ରାଇଭର କେନ୍ଦ୍ରାପଡ଼ା ଜିଲା ନିକିରାଇର ମନୋଜ ଜେନାଙ୍କୁ ଗିରଫ କରିଥିଲା।

# ଧାନ କିଣାବିକାରେ ରହୁନି ସ୍ୱଚ୍ଛତା

**ନୟାଗଡ଼ ଅଫିସ,୧୩।୧୧**

ନୟାଗଡ଼ ଜିଲାରେ ଧାନ କିଣାବିକାରେ ସ୍ୱଚ୍ଛତା ରହୁନାହିଁ। ୨୦୧୯-୨୦ ଆର୍ଥିକ ବର୍ଷର ସ୍ଥିତି ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେବ। ଚଳିତବର୍ଷ ଏହି ଅନିୟମିତତା ରୋକା ନ ଗଲେ କଂଗ୍ରେସ ଓ ଭାଜପା ଆନ୍ଦୋଳନ କରିବାକୁ ଧମକ ଦେଇସାରିଲେଣି। ବର୍ତ୍ତମାନ ସୁଦ୍ଧା ଜିଲାରେ ଧାନମଣ୍ଡି ଖୋଲିନାହିଁ। ଏହାକୁ ସୁଯୋଗ ମନେକରି ଦଲାଲ ସକ୍ରିୟ ହୋଇଉଠିଛନ୍ତି। ସେମାନେ ଗାଁ ଗାଁରେ ବୁଲି ଧାନ କିଣିବା ଆରମ୍ଭ କଲେଣି। ଅନ୍ୟପକ୍ଷେ ୨୦୧୯-୨୦ ଆର୍ଥିକବର୍ଷରେ ଧାନ କିଣାବିକାରେ ହୋଇଥିବା ଅନିୟମିତତା ଘଟଣାରେ ୩ଜଣ ସମବାୟ ସମିତି ସମ୍ପାଦକ, ଜଣେ ଡାଟା ଏଣ୍ଟ୍ରି ଅପରେଟର, ଜଣେ ବ୍ୟାଙ୍କ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ତେବେ ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ନ ଥିବାରୁ ସରକାରୀ ସ୍ତରରେ ଦୁର୍ନୀତି ରୋକିବା ବଦଳରେ ଚାପିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ଉଠିଛି।

ଭାଟସାହିର କୁଳମଣି ବେହେରା, ରାମଚନ୍ଦ୍ର ସାମନ୍ତରାୟ କୁହନ୍ତି, ଜିଲାର ଅଧିକାଂଶ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଗତବର୍ଷ ଧାନ କିଣାବିକାରେ ଦୁର୍ନୀତି ହୋଇଥିଲା। ଚାଷୀମାନେ ଅଭିଯୋଗ କରିବା ପରେ କେତେଜଣ କର୍ମଚାରୀଙ୍କୁ ନିଲମ୍ବିତ କରି ଦାୟିତ୍ୱ ଶେଷ କରିଦିଆଗଲା। ହେଲେ ଚାଷୀ କିପରି ତା' ଧାନ ବିକ୍ରି କରିବ ସେ ନେଇ ପଦକ୍ଷେପ ନିଆଗଲା ନାହିଁ। ଚଳିତବର୍ଷ ସେପରି କରାଯିବାକୁ ଯୋଜନା ଚାଲିଛି। ପ୍ରଶାସନ କିଭଳି ପଦକ୍ଷେପ ନେଉଛି ତାହାକୁ ଅପେକ୍ଷା। ଗଣିଆର ଡମ୍ବରୁ ପ୍ରଧାନ, ରଣପୁରର ସୁଦାମ ସାହୁ, ନୟାଗଡ଼ର

- ଅନିୟମିତତା ରୋକା ନ ଗଲେ ଆନ୍ଦୋଳନ ଚେତାବନୀ
- ଖୋଲିନାହିଁ ମଣ୍ଡି, ଦଲାଲଙ୍କ କବଳରେ ଚାଷୀ

ଅଭିମନ୍ୟୁ ବେହେରା ଓ ଦଶପଲ୍ଲାର ଭୀମ ନାୟକ କୁହନ୍ତି, ଚଳିତ ଖରିଫ ଋତୁରେ ଧାନ କିଣାବିକା ପାଇଁ ପଦକ୍ଷେପ ନାହିଁ। ଶୁଣାଯାଉଛି ଡିସେମ୍ବରରେ ଧାନକିଣା ହେବ। ହେଲେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ବେପାରୀ ଓ ଦଲାଲଙ୍କୁ ଧାନ ବିକ୍ରି କରିବା ଆରମ୍ଭ କଲେଣି। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ଓ ଜିଲା ଭାଜପା ସଭାପତି ଲାଲା ମନୋଜ ରାୟ କୁହନ୍ତି, ଗତବର୍ଷ ଧାନ କିଣାବିକା ଦୁର୍ନୀତି ଯୋଗୁ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ସରକାର ଚାଷୀଙ୍କୁ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଥିଲେ ମଧ୍ୟ ଏହି ଦୁର୍ନୀତିକୁ ରୋକାଯାଉ ନାହିଁ। ଚଳିତବର୍ଷ ଚାଷୀ ହଇରାଣ ହେବା ନଜରକୁ ଆସିଲେ ଆନ୍ଦୋଳନ କରାଯିବ। ନୟାଗଡ଼ ଏଆରସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ଧାନ କିଣାବିକାରେ ହୋଇଥିବା ଅନିୟମିତତା ନେଇ ଗତ ବର୍ଷ ନିଲମ୍ବିତ ୫ଜଣ କର୍ମଚାରୀଙ୍କୁ ରି ଇନ୍‌ଷ୍ଟେଡ କରାଯାଇ ନାହିଁ। ଧାନ କିଣାବିକାରେ ଅନିମୟିତତା ନଜରକୁ ଆସିଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ଜିଲାରେ ଡିସେମ୍ବରରେ ଧାନ କିଣାବିକା କରାଯିବ। ଏ ନେଇ ଜିଲାସ୍ତରୀୟ ବୈଠକ ପରେ ପଦକ୍ଷେପ ନିଆଯିବ। ତେବେ ଚାଷୀ ଯେପରି ହଇରାଣ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ।



ରାସ୍ତା ଅବରୋଧ କରିଥିବା ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରୁଛି।

## ବାୟୁ ପ୍ରଦୂଷଣ ପ୍ରତିବାଦରେ ରାସ୍ତା ଅବରୋଧ

**ଧର୍ମଶାଳା/ଚଢ଼େଇଧରା, ୧୩।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ମହିଶରା ପଞ୍ଚାୟତ ବରଡ଼ା ଅଞ୍ଚଳରେ ବ୍ୟାପକ ବାୟୁ ପ୍ରଦୂଷଣ ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ଗ୍ରାମବାସୀ ବରଡ଼ା-ତୁରଙ୍ଗ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟ ଓ ଜେନାପୁର ଥାନା ଅଧିକାରୀ ଆଶିଷ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।

ଗ୍ରାମବାସୀଙ୍କ ଅଭିଯୋଗ, ଏଠାରେ କଳାପଥର ଖାଦାନ ଓ କ୍ରଶର ଗଢ଼ି ଉଠିଥିବାରୁ ରାସ୍ତା ଦେଇ ଶହଶହ ଓଭର ଲୋଡିଂ ଟ୍ରକ୍ ଯାତାୟାତ କରୁଛି। ଏଥିଯୋଗୁ ପ୍ରବଳ ମାତ୍ରାରେ ଧୂଳି ଉଡ଼ି ବାୟୁ ପ୍ରଦୂଷଣ କରୁଛି। ଧୂଳି, ଧୂଆଁରେ ଗ୍ରାମବାସୀ ଅତିଷ୍ଠ ହୋଇପଡୁଛନ୍ତି। ସେହିପରି ଟ୍ରକ୍‌ରୁ ପଥରଖଣ୍ଡମାନ ଖସିପଡୁଥିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାସ୍ତାରେ ପ୍ରତ୍ୟେକ ଦିନ ପାଣି ସିଞ୍ଚନ କରିବା ସହ ଓଭର ଲୋଡିଂ ଗାଡ଼ିକୁ ବନ୍ଦ କରିବା ପାଇଁ ସେମାନେ ଦାବି କରିଛନ୍ତି। ରାସ୍ତା ଅବରୋଧରେ ଭୁବନ ମଳିକ, ଜଟାଧାରୀ ମଳିକ, ଶରତ ମଳିକ, ଜ୍ୟୋତ୍ସ୍ନାରାଣୀ ମଳିକ, ବାବୁ ମଳିକ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବିଦେଶୀ ସାମଗ୍ରୀ ବର୍ଜନ ପାଇଁ ଏବିଭିପି ପକ୍ଷରୁ ସଚେତନତା

**ଦଶପଲ୍ଲା,୧୩।୧୧ (ଡି.ଏନ.ଏ.):** ଦୀପାବଳି ତଥା ଅନ୍ୟ ପର୍ବପର୍ବାଣୀରେ ବିଦେଶୀ ବର୍ଜନ କରି ସ୍ୱଦେଶୀ ଜିନିଷ ବ୍ୟବହାର ପାଇଁ ଶୁକ୍ରବାର ଦଶପଲ୍ଲାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସଚେତନ କରାଯାଇଥିଲା। ଏହି ଉପଲକ୍ଷେ ଏକ ରାଲି ଦଶପଲ୍ଲା ମହାବୀର ମନ୍ଦିରଠାରୁ ବାହାରି ତ୍ରିନାଥ ବଜାର ପର୍ଯ୍ୟନ୍ତ ଯାଇଥିଲା। ବିଶେଷ କରି ଚାଇନା ବାଣ, ଚାଇନା ରଙ୍ଗ, ଚାଇନା ମୋବାଇଲ ଆଦି ନ କିଣିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ବିଦେଶୀ ଜିନିଷ କ୍ରୟ କରି ପଡୋଶୀ ରାଷ୍ଟ୍ରକୁ ବଳଶାଳୀ କରିବା ପରିବର୍ତ୍ତେ ସ୍ୱଦେଶୀ ଜିନିଷ କିଣି ନିଜ ରାଷ୍ଟ୍ରର ଅର୍ଥନୀତିକୁ ମଜଭୁତ କରିବାକୁ କାର୍ଯ୍ୟକର୍ତ୍ତାମାନେ ମତ ଦେଇଥିଲେ। ନଗର ସମ୍ପାଦକ ଅଭୟ ପ୍ରସାଦ ଜେନାଙ୍କ ନେତୃତ୍ୱରେ ମାନସ ସାହୁ, ସମ୍ମାନ ସୁନ୍ଦରତା, ବିକାଶ ଡାକୁଆ ପ୍ରମୁଖ ଯୋଗଦେଇଥିଲେ।

### ଜିଲାସ୍ତରୀୟ ବିଶ୍ୱ ନିମୋନିଆ ଦିବସ

**ଜଗତ୍‌ସିଂହପୁର ଅଫିସ, ୧୩।୧୧:** ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ନିମୋନିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ଦିବସରେ ସିଡିଏମ୍‌ଓ ଡା. ବିଜୟା ପଣ୍ଡା ଯୋଗ ଦେଇଥିଲେ। ନିମୋନିଆକୁ ଯେତେଶୀଘ୍ର ଗୋଷ୍ଠୀ ସ୍ତରରେ ଚିହ୍ନଟ ସହ ଚିକିତ୍ସା କରାଯିବ ଶିଶୁ ସୁସ୍ଥ ରହିବା ସାଙ୍ଗକୁ ମୃତ୍ୟୁହାର କମାଯାଇ ପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକାରୀ ପରିଚାଳକ ଚକ୍ରଧର ଜେନା, ସଚଳା ମହାନ୍ତି, ଜ୍ୟୋତିର୍ମୟୀ ସାହୁ, ଆଶା ସହକାରୀ ପରିଚାଳକ ଅମିତା ପଣ୍ଡା, ଗାଁ କଲ୍ୟାଣ ସମିତି ସହକାରୀ ପରିଚାଳକ ସୁଜାତା ପ୍ରିୟମ୍ବଦା ଦାସଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ।

### କାଳୀପୂଜା ପ୍ରସ୍ତୁତି ଶେଷ, ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ

**ଯାଜପୁର ଟାଉନ, ୧୩।୧୧(ଡି.ଏନ.ଏ.):** ଯାଜପୁରର ଗଣପର୍ବ କାଳୀପୂଜା ଦୀପାବଳିଠାରୁ ଆରମ୍ଭ ହେବାକୁ ଥିବାବେଳେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାଳୀପୂଜାରେ ସହରରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲକ୍ଷ୍ମୀନାରାୟଣ ମୂର୍ତ୍ତି ପୂଜା ପାଇଥାନ୍ତି। ତେବେ ଚଳିତବର୍ଷ କରୋନା ପାଇଁ ନିରାଡମ୍ବର ଭାବେ ଏହି ପୂଜା ପାଳନ କରାଯିବ। କାଳୀପୂଜା ପାଇଁ ସହରର ୪୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥାନ୍ତି। ଚଳିତ ବର୍ଷ କୋଭିଡ୍ ନିୟମ ଅନୁଯାୟୀ ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ପୂର୍ବରୁ ପୂଜା କମିଟି ଓ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏବର୍ଷ ୪ଦିନ ପୂଜା କରାଯାଇ ବୈତରଣୀ ନଦୀ ଦେବୀଗଡ଼ାଠାରେ ନିରାଡମ୍ବର ଭାବେ ବିସର୍ଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଯନ୍ତ୍ରଣାରେ ଛଟପଟ ଶିଶୁପୁତ୍ରର ହେବ ଚିକିତ୍ସା

**ରସୁଲପୁର,୧୩।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ବାରବାଟୀ ପଞ୍ଚାୟତ ସାନ ଫୁଲାଡ଼ି ଗ୍ରାମର କ୍ଷୀର ବ୍ୟବସାୟୀ ମାନସ ଦାସଙ୍କ ୮ମାସର ଶିଶୁପୁତ୍ର ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବ। ପିଠିରେ ଆବୁ ଯୋଗୁ ପିଲାଟି ଜନ୍ମରୁ ଯନ୍ତ୍ରଣା ପାଉଛି। ଏ ସମ୍ପର୍କରେ ଅବଗତ ହେବାପରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ସହାୟତାର ହାତ ବଢ଼ାଇଛନ୍ତି। ଶିଶୁପୁତ୍ରର ମାଗଣା ଅସ୍ତ୍ରୋପଚାର କରିବା ପାଇଁ ସେ ସମସ୍ତ ବନ୍ଦୋବସ୍ତ କରାଇଛନ୍ତି। ତହସିଲଦାରଙ୍କଠାରୁ ଆଶ୍ୱାସନା ପାଇବା ପରେ ଗରିବ ଦମ୍ପତି ଆଶ୍ୱସ୍ତ ହୋଇଛନ୍ତି। ସୂଚନା ଅନୁସାରେ, ମାନସ କ୍ଷୀର ବ୍ୟବସାୟ କରି ପରିବାର ଚଳାନ୍ତି। ୮ମାସ ତଳେ ତାଙ୍କର ପ୍ରଥମ ପୁତ୍ରସନ୍ତାନ ଜନ୍ମ ନେଇଥିଲା। ମାତ୍ର ନବଜାତକକୁ ନେଇ ପରିବାରରେ ଖୁସି ଆସିବା ବଦଳରେ ଦୁଃଖ ଆସିଛି। ଶିଶୁପୁତ୍ର ପିଠିର ଆବୁ ସମସ୍ତଙ୍କୁ ଦୁଃଖ ଦେଇଛି। ଜନ୍ମଠାରୁ ଶିଶୁପୁତ୍ର ପିଠିର ଆବୁ ଖୁବ୍ ଯନ୍ତ୍ରଣା ଦେଉଛି। ପିଲାର ଯନ୍ତ୍ରଣା ପରିବାର ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏଥିରୁ ମୁକୁଳିବାକୁ ହେଲେ ଅସ୍ତ୍ରୋପଚାର ଏକମାତ୍ର ବିକଳ୍ପ ବୋଲି ଡାକ୍ତରୀ ପରାମର୍ଶରୁ ଜଣାପଡିଥିଲା। ତେବେ ଅର୍ଥ ଅଭାବରୁ ଅଭାବୀ ଦମ୍ପତି ଶିଶୁପୁତ୍ରର ଚିକିତ୍ସା କରାଇ ପାରୁ ନ ଥିଲେ। ଏ ସମ୍ପର୍କରେ ସାମାଜିକ କର୍ମୀ



ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଆସିଥିବା ଡାକ୍ତରୀ ଟିମ୍

- ଜନ୍ମରୁ ପିଠିରେ ବଢୁଛି ଆବୁ
- ସହାୟତାର ହାତ ବଢ଼ାଇଲେ ତହସିଲଦାର

ରମ୍ୟରଞ୍ଜନ ସ୍ୱାଇଁ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତହସିଲଦାର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କରଙ୍କ ସହ ଯୋଗାଯୋଗ କରିଥିଲେ। ଡା. କରଙ୍କ ନେତୃତ୍ୱରେ ଆୟୁଷ ଡା. ବସନ୍ତ କୁମାର ପଣ୍ଡାଙ୍କ ସମେତ ଏକ ଟିମ୍ ମାନସଙ୍କ ଘରେ ପହଞ୍ଚି ଶିଶୁପୁତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧିକ ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ଅବଗତ କରାଇଥିଲେ। ସେଠାରୁ ଏକ ଡାକ୍ତରୀ ଟିମ୍ ଆସି ଶିଶୁପୁତ୍ରକୁ ନେଇ ଯାଇଛନ୍ତି। ସେଠାରେ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରହିଛି। ତେବେ କଟକ ବଡ଼ ଡାକ୍ତରଖାନାରେ ଶିଶୁପୁତ୍ରର ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ମିଳିଛି। ଏ ଦିଗରେ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ପକ୍ଷରୁ କଟକ ବଡ଼ ଡାକ୍ତରଖାନା ସର୍ଜରି ଡାକ୍ତରଙ୍କ ସହ ଯୋଗାଯୋଗ କରାଯାଇଛି। ଅସ୍ତ୍ରୋପଚାର ମାଗଣାରେ କରାଯିବ। ଏ ଖବର ଜାଣିବା ପରେ ମାନସଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି। ତହସିଲଦାରଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

## କୋଭିଡ୍ ଯୋଦ୍ଧାଙ୍କୁ ପଞ୍ଚାୟତରେ ନିଯୁକ୍ତି ଦାବି

**କେନ୍ଦ୍ରାପଡ଼ା ଅଫିସ, ୧୩।୧୧**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଞ୍ଚାୟତସ୍ତରରେ କୋଭିଡ କେୟାର ହୋମ୍ ପ୍ରତିଷ୍ଠା କରିଥିଲେ। ଏଥିରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଉଦ୍ୟମ ଫଳରେ ସଂକ୍ରମଣ କମିଛି। ଏହି କୋଭିଡ କେୟାର ହୋମ୍‌କୁ ପଞ୍ଚାୟତ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରି ସ୍ୱାସ୍ଥ୍ୟ କର୍ମୀଙ୍କୁ ଏଠାରେ ନିଯୁକ୍ତି ପାଇଁ ଶୁକ୍ରବାର ଦାବି ହୋଇଛି। କୋଭିଡ ୱାରିୟର ଚିଟେଡ ଫୋରମ ପକ୍ଷରୁ ଏ ପ୍ରକାର ଦାବିପତ୍ର କେନ୍ଦ୍ରାପଡା ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଫୋରମର କାର୍ଯ୍ୟକର୍ତ୍ତା ରଞ୍ଜନ ଲେଙ୍କା କହିଛନ୍ତି, ଏପ୍ରିଲରେ ଜିଲାରେ ଆରମ୍ଭ ହୋଇଥିବା କରୋନା ସଂକ୍ରମଣର ପରିଚାଳନା ଜିଲାର ସ୍ୱାସ୍ଥ୍ୟ ସମସ୍ୟା ନିରାକରଣର ପଥ ପ୍ରଦର୍ଶକ ହୋଇଛି। ସୀମିତ ସମୟରେ କୋଭିଡ କେୟାର ହୋମ୍ ପାଇଁ ନିଯୁକ୍ତ ସ୍ୱାସ୍ଥ୍ୟକର୍ମୀ ନିଜର କାର୍ଯ୍ୟ ପ୍ରତି ନିଷ୍ଠା ଦେଖାଇଛନ୍ତି। ନିଜ ଜୀବନ ଅପେକ୍ଷା ସାମୂହିକ ସ୍ୱାସ୍ଥ୍ୟ ଚିନ୍ତା ପାଇଁ ସାମ୍ପଲ କଲେକଶନଠାରୁ ଔଷଧ ବିତରଣର କାମ ତୁଲାଇଛନ୍ତି। ଜିଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଏହି କୋଭିଡ କେୟାର ହୋମ୍‌କୁ ପଞ୍ଚାୟତ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ପରିଣତ କରି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ। ନିଯୁକ୍ତି ନ ମିଳିଲେ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନ ହେବ ବୋଲି ଲେଙ୍କା କହିଛନ୍ତି।

## ପରିବେଶ ପର୍ଯ୍ୟଟନସ୍ଥଳୀରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ



ସୁନାମୁହଁ ପରିବେଶ ପର୍ଯ୍ୟଟନସ୍ଥଳୀ।

**ଖଣ୍ଡପଡ଼ା,୧୩।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ଉପକଣ୍ଠରେ ରହିଛି ସୁନାମୁହଁ ପରିବେଶ ପର୍ଯ୍ୟଟନସ୍ଥଳୀ। ୨ବର୍ଷ ତଳେ ଏହା ଲୋକାରଣ୍ୟ ହୋଇଉଠୁଥିଲା। ରାଜ୍ୟ ତଥା ରାଜ୍ୟ ବାହାରରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିଲା। ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିଲେ ହେଁ ପୂର୍ବପରି ପର୍ଯ୍ୟଟକ ଆସୁ ନ ଥିବାରୁ ଏହି ସ୍ଥାନ ଖାଁଖାଁ ଲାଗୁଛି।

ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଏହି ପର୍ଯ୍ୟଟନସ୍ଥଳୀରେ ୨ ବର୍ଷ ତଳେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା। ପିଲାଙ୍କ ନିମନ୍ତେ ଦୋଳିଠାରୁ ଆରମ୍ଭ କରି ବିଭିନ୍ନ କ୍ରୀଡା ସାମଗ୍ରୀ ସ୍ଥାପନ କରାଯାଇଥିଲା। ଯୁବତୀଯୁବକ ଓ ବୟସ୍କଙ୍କ ଶାରୀରିକ ବ୍ୟାୟାମ ନିମନ୍ତେ ମୂଲ୍ୟବାନ ଉପକରଣ ଉପଲବ୍ଧ ହେଉଥିଲା। ମାତ୍ର ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବର ସୁଯୋଗ ନେଇ ଦୁର୍ବୃତ୍ତ ଏଠାରୁ ଅନେକ ସାମଗ୍ରୀ ଚୋରୀକରି ନେଇଛନ୍ତି। ଫଳରେ ଏହା ପରିସର ଶ୍ରୀହୀନ ହେବାରେ ଲାଗିଛି। ବର୍ତ୍ତମାନ ଏହି ସ୍ଥାନରେ କୁଢକୁଢ ମଦ ବୋତଲ, ପାଣିପାଉଚ ଜରି, ଅଇଁଠା ଖଲିପତ୍ର ଓ ଠୁଙ୍ଗା ପଡିଛି। ପର୍ଯ୍ୟଟନସ୍ଥଳୀର ଏପରି ଅବସ୍ଥାକୁ ଦେଖି ପର୍ଯ୍ୟଟକ ମୁହଁ ବୁଲାଇ ଅନ୍ୟତ୍ର ଚାଲିଯାଉଛନ୍ତି। ଏହାର ରକ୍ଷଣାବେକ୍ଷଣ ଦିଗରେ ଜିଲା ପ୍ରଶାସନ, ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ୫ ଟ୍ରେନ୍ ବାତିଲ, ଯାତ୍ରୀ ହନ୍ତସନ୍ତ

**ଯାଜପୁର ଅଫିସ,୧୩।୧୧**

ପର୍ବପର୍ବାଣି ସମୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବାତିଲ କରି ଦିଆଯାଇଛି। ନିୟମିତ ଗ୍ରାହକ ଅଭାବ ଦର୍ଶାଇ ଏଭଳି ନିଷ୍ପତ୍ତି ନିଆଯାଇଥିବା ପୂର୍ବତଟ ରେଳ ଡିଭିଜନର ଚିଫ୍ ପାସେଞ୍ଜର ଟ୍ରାନ୍ସପୋର୍ଟେଶନ ମ୍ୟାନେଜର ୧୦।୧୧।୨୦୨୦ରେ ନୋଟିସ ଜାରି କରିଛନ୍ତି। ନୋଟିସରେ ପୂର୍ବତଟ ରେଳ ଡିଭିଜନ ଅଧୀନରେ ଚାଲିଥିବା ୫ଟି ଟ୍ରେନକୁ ବାତିଲ କରାଯାଇଛି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୨୦ ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବାତିଲ ଟ୍ରେନଗୁଡ଼ିକ ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ, ପୁରୀ-ବଡ଼ବିଲ, ପୁରୀ-ପାରାଦୀପ-ପୁରୀ, ବିଶାଖାପାଟନାମ-ବିଜୟୱାଡା-ବିଶାଖାପାଟନାମ ଏବଂ ପୁରୀ-ହାୱଡା-ପୁରୀ ଟ୍ରେନ ରହିଛି। ଏହି ଟ୍ରେନଗୁଡ଼ିକ ୨୦।୧୦।୨୦୨୦ରୁ ୩୦।୧୧।୨୦୨୦ ମଧ୍ୟରେ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହି ଟ୍ରେନଗୁଡ଼ିକ ବାତିଲ ହେବା ଫଳରେ ଯାଜପୁର ଜିଲା ସମେତ ଭଦ୍ରକ, ବାଲେଶ୍ୱର ଜିଲାର ସରକାରୀ କର୍ମଚାରୀ, ରୋଗୀମାନଙ୍କ କ୍ଷେତ୍ରରେ ଯାତାୟାତ ସମସ୍ୟା ସୃଷ୍ଟି ହୋଇଛି। ବାଲେଶ୍ୱର-ଭଦ୍ରକ-ଯାଜପୁର-ଭୁବନେଶ୍ୱର ଦେଇ ଯାଉଥିବା ୭ଟି ପାସେଞ୍ଜର ଟ୍ରେନ ୧୦ ବର୍ଷ ଧରି ଲୋକଙ୍କୁ ରେଳ ସେବା ଦେଉଥିବାବେଳେ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନକୁ ବାତିଲ କରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏପରିକି ଯାତ୍ରୀମାନେ ପୂର୍ବରୁ ଟିକେଟ କରି ହନ୍ତସନ୍ତ ହୋଇଛନ୍ତି। କୋଭିଡ୍ ଗାଇଡଲାଇନକୁ ମାନି ଯାତ୍ରୀମାନେ ଟ୍ରେନ ଯୋଗେ ଯାତାୟାତ କରୁଥିଲେ। ତେବେ ଏହି ୫ଟି ଟ୍ରେନ ବନ୍ଦ ହେବା ଯୋଗୁ ଭୁବନେଶ୍ୱର କିମ୍ବା କଟକକୁ ମେଡିକାଲ କାର୍ଯ୍ୟରେ ଯିବାକୁ ଆଉ କୌଣସି ଉପାୟ ନାହିଁ ବୋଲି ଯାତ୍ରୀମାନେ କହିଛନ୍ତି। ଯାତ୍ରୀମାନେ ବାଧ୍ୟ ହୋଇ ବସ୍ ଯୋଗେ ଯାତାୟାତ କରିବେ ଏବଂ ଏହା କରୋନା ସଂକ୍ରମଣକୁ ନିମନ୍ତ୍ରଣ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ବିଜେଡି ସାଙ୍ଗଠନିକ ବୈଠକ

**ଏରସମା, ୧୩।୧୧(ସ୍ୱ.ପ୍ର.):** ଏରସମା ବ୍ଲକ ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରରେ ଶୁକ୍ରବାର ବିଜେଡି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ବ୍ଲକ ସଭାପତି ପୀତବାସ ଗଚ୍ଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ପ୍ରତି ପଞ୍ଚାୟତରେ ସଙ୍ଗଠନ ମଜଭୁତ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ଇତିଶ୍ରୀ ଭୂୟାଁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ଉପସଭାପତି ବିଜୟ ପାଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନବନିର୍ବାଚିତ ପଞ୍ଚାୟତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାସ୍ତାରୋକୋ କରିଥିବା ବ୍ୟକ୍ତିଙ୍କ ନାମରେ ମାମଲା

**ଖଣ୍ଡପଡ଼ା, ୧୩।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଗଡଭିତରସାହିର ସୁରେନ୍ଦ୍ର ବେହେରା ଗତ ୭ ତାରିଖରେ ବାଇପାସ୍ ରାସ୍ତା ଦେଇ ସାଇକେଲରେ ଯାଉଥିବା ବେଳେ ଏକ ହାଇୱା ଧକ୍କାରେ ଗୁରୁତର ହୋଇଥିଲେ। ଏବେ ସେ କଟକସ୍ଥିତ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଏହି ଦୁର୍ଘଟଣା ପରେ ଆହତଙ୍କ ସମ୍ପର୍କୀୟ ଓ ୱାର୍ଡର କେତେଜଣ ବ୍ୟକ୍ତି କ୍ଷତିପୂରଣ ଦାବିରେ ଖଣ୍ଡପଡା-ନୟାଗଡ଼ ରାସ୍ତାକୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରିଥିଲେ। ରାସ୍ତାରୋକୋ ଆଇନ ବିରୋଧ କହି ଖଣ୍ଡପଡ଼ା ପୋଲିସ ଗଡଭିତର ସାହିର ସୁକାନ୍ତି ବେହେରା, ଅଶାନ୍ତି ବେହେରା, ଭାଗୀରଥି ବେହେରା, ନୀଳକଣ୍ଠ ବେହେରାଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ଏହାକୁ ନେଇ ଆହତଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବଡ଼ଚଣାରେ ଖୋଲିଲା ବିହନ ପରୀକ୍ଷାଗାର କେନ୍ଦ୍ର

**ଚଣ୍ଡିଖୋଲ,୧୩।୧୧(ଡି.ଏନ.ଏ.)**

ବଡ଼ଚଣାଠାରେ ଏକ ବିହନ ପରୀକ୍ଷାଗାର କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହାକୁ ଶୁକ୍ରବାର କୃଷିମନ୍ତ୍ରୀ ଅରୁଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା ଦ୍ୱାରା ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଂସ୍ଥାର ନିର୍ଦ୍ଦେଶକ ସୁବ୍ରତ୍ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟବକ୍ତାଭାବେ ଯୋଗଦେଇ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ କରାଯାଇଥିବା ସୂଚନା ଦେଇଥିଲେ। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିହନ ପରୀକ୍ଷାଗାର ପ୍ରତିଷ୍ଠା ହେବା ଦ୍ୱାରା ଜିଲାର ଚାଷୀଙ୍କ ଉନ୍ନତି ଘଟିବ ବୋଲି



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ନିରଞ୍ଜନ ମାଝି, ରାଜ୍ୟ ବିହନ ପ୍ରମାଣନ ଅଧିକାରୀ ଜଗଦୀଶ୍ ଚନ୍ଦ୍ର ମହାନ୍ତି, ଡା. ଆଦିତ୍ୟ କୁମାର ପାତ୍ର, ଡା. ପରେଶ କୁମାର ପଣ୍ଡା, ସମ୍ବିତ କୁମାର ପାଣିଗ୍ରାହୀ ଏବଂ ପରୀକ୍ଷାଗାରରେ ଯୋଗଦେଇଥିବା ବିହନ ପରୀକ୍ଷଣ ଅଧିକାରୀ ନୃସିଂହ ଚରଣ ବେହେରା ଓ ନିବେଦିତା ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ବିନା ୱାଲ୍ ବିମ୍‌ରେ ପଡ଼ିଲା ଛାତ

**ନାଉଗାଁ,୧୩।୧୧(ସ୍ୱ.ପ୍ର)**

ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆମ ଗାଁ ଆମ ବିକାଶ ଯୋଜନାରେ ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରାଯାଉଛି। ବ୍ଲକର ନାଉଗାଁ ପଞ୍ଚାୟତ ଅବଦଲପୁରଠାରେ ଏହି ଯୋଜନାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ଚାଲୁ ରହିଛି, ଯାହାର କାର୍ଯ୍ୟାଦେଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମର ମଲିକଙ୍କ ନାମରେ ରହିଛି। ଏହି କେନ୍ଦ୍ରଟି ନିର୍ମାଣ କରିବାକୁ ୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଥମରୁ ଉକ୍ତ କେନ୍ଦ୍ରଟି ନିର୍ମାଣ ହେବା ସମୟରେ ସରକାରଙ୍କ ପକ୍ଷରୁ କୋଭିଡ୍ କଟକଣାକୁ ନ ମାନି ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ କରାଯାଇଥିଲା। ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ କାମ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ଉକ୍ତ ଗୃହର କାମ କରାଯାଇ ୱାଲ୍ ବିମ୍



ୱାଲ ବିମ୍ ନ ଥାଇ ଛାତ ପଡିଥିବା ଗୃହ।

**କମ୍ୟୁନିଟି କେନ୍ଦ୍ର ନିର୍ମାଣ କାମ ନିମ୍ନମାନର ଅଭିଯୋଗ**

ଦିଆ ନ ଯାଇ ଛାତ ପଡିଥିବାରୁ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ଉକ୍ତ ଗୃହ କେତେବେଳେ ଭୁଶୁଡି ପଡିବ ତାହା ମଧ୍ୟ କହି ହେବନାହିଁ। ସରକାରଙ୍କ ନିୟମାନୁସାରେ ସରକାରୀ ଗୃହ ନିର୍ମାଣ ପାଇଁ ଫ୍ଲାଏ ଆଶ୍ ଇଟା ବ୍ୟବହାର କରାଯିବ। କିନ୍ତୁ ଉକ୍ତ ଗୃହରେ ନାଲି ଇଟା ବ୍ୟବହୃତ ହୋଇଛି। ଏ ସଂକ୍ରାନ୍ତରେ ବ୍ଲକ କନିଷ୍ଠଯନ୍ତ୍ରୀ ଶାରଦା ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରେ ଉକ୍ତ କେନ୍ଦ୍ରରେ ୧୨ ଏମ୍‌ଏମ୍ ରଡ ଲାଗିବା କଥା କିନ୍ତୁ ତାହା ଲଗା ଯାଇନାହିଁ। ୱାଲ୍ ବିମ୍ ମଧ୍ୟ କରାଯାଇନାହିଁ। ତେଣୁ ବିଲ୍ କରିବା ବେଳେ ଗୋଡି, ରଡ ଆଦି ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ବାଦ କରାଯାଇ ବିଲ୍ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମର ମଲିକଙ୍କୁ ପଚାରିବାରେ ସେ କାମ ବିଷୟରେ କିଛି ଜାଣିନାହାନ୍ତି। କିଏ ସେ ଗୃହ ନିର୍ମାଣ କରୁଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ତାଙ୍କ ନିକଟରେ ନ ଥିବା କହିଥିଲେ। କାର୍ଯ୍ୟାଦେଶ ଦେବା ସମୟରେ ଆମକୁ କହୁନାହାନ୍ତି। କିନ୍ତୁ ବିଲ୍ କରିବା ସମୟରେ କାର୍ଯ୍ୟ ବିଷୟରେ ଆମେ ଅବଗତ ହେଉଥିବା ସେ କହିଛନ୍ତି।

